## ସଂକ୍ଷେପରେ

### ପୋଲିସ ଡଗ୍ ସ୍କ୍ୱାଡ୍ ଦ୍ୱାରା ତଦନ୍ତ

**ଚାନ୍ଦୋଳ ବଜାର ଚୋରି ଘଟଣା**

ଡେରାବିଶ,୨୧।୧୧(ସ୍ୱ.ପ୍ର.): ଚାନ୍ଦୋଳ ବଜାରରୁ ୩ ଦିନ ତଳେ ଏକ ମୋବାଇଲ୍ ଦୋକାନରୁ ଚୋରି ଘଟଣାରେ ତଦନ୍ତ ପାଇଁ ରବିବାର ପୋଲିସ ଡଗ୍ ସ୍କ୍ୱାଡ୍‌ର ସାହାଯ୍ୟ ନେଇଛି। କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ସ୍ୱତନ୍ତ୍ର ଡଗ୍ ସ୍କ୍ୱାଡ୍‌କୁ ଘଟଣାସ୍ଥଳକୁ ନେଇଥିଲେ। ସେଠାରେ କୁକୁରଟି ଚୋରି ହୋଇଥିବା ଘଟଣାସ୍ଥଳରୁ ୨୦୦ ଫୁଟ ଦୂରଯାଏ ଯାଇ ପୁଣି ଫେରି ଯାଇଥିଲା। ତେବେ ପୋଲିସ ଚୋର ଧରିବା ପାଇଁ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରୁଥିବା ଜଣାପଡିଛି। ପୂର୍ବରୁ ଏକ ତେଜରାତି ଦୋକାନରୁ ଚୋରି ନେଇ ପୋଲିସ ଡଗ ସ୍କ୍ୱାଡ୍ ବ୍ୟବହାର କରି ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘର ନିକଟରେ ପହଞ୍ଚି ଥିଲା। ପୋଲିସ ଘର ମାଲିକଙ୍କୁ ନେଇ ପଚରାଉଚୁରା କରିଥିଲେ ବି କିଛି ଫଳ ମିଳି ନ ଥିଲା।

### ଆକାଉଣ୍ଟରୁ କାଟି ନିଆଯାଉଛି କାଳିଆ ଟଙ୍କା

ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତଠାରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଚନ୍ଦନନଗର ଶାଖା ପକ୍ଷରୁ କାଳିଆ ଟଙ୍କାକୁ ନେଇ ଲୋକମାନଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର କୃଷକମାନଙ୍କୁ ଯୋଗାଇ ଦେଉଥିବା କାଳିଆ ସହାୟତା ଟଙ୍କାକୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପକ୍ଷରୁ ଚାଷୀମାନଙ୍କ ଆକାଉଣ୍ଟରୁ କାଟି ନିଆଯାଉଥିବା ଈଶ୍ୱର ମଲିକ ଓ ନୀରୋଦ କୁମାର ଦାସ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ସରକାର, ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବ୍ୟାଙ୍କ ପକ୍ଷରୁ ଜୁଲମ ବନ୍ଦ କରିବାକୁ ଅନୁରୋଧ କରାଯାଇଛି। ଅନ୍ୟଥା ଦଳବାଡ, ବାଲିଆ ଓ ଗୋପ୍ତିରା ଗାଁର କାଳିଆ ଟଙ୍କା ସହାୟତା ପାଉଥିବା କୃଷକମାନେ ବାଧ ହୋଇ ଚନ୍ଦନନଗର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି।

### ସ୍ୱାବଲମ୍ବୀ କାରିଗର, ପମ୍ପ ଡ୍ରାଇଭର ସଂଘର ବୈଠକ

ଡେରାବିଶ,୨୧।୧୧(ସ୍ୱ.ପ୍ର.): ଗ୍ରାମୀଣ ଜଳଯୋଗାଣ କର୍ମଚାରୀ ମହାସଂଘରେ ସାମିଲ ଥିବା କେନ୍ଦ୍ରାପଡ଼ା ଜିଲା ସ୍ୱାବଲମ୍ବୀ କାରିଗର, ପମ୍ପ ଡ୍ରାଇଭର ସଂଘର ଜିଲାସ୍ତରୀୟ ବୈଠକ ଶନିବାର ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଶ୍ରୀଲକ୍ଷ୍ମନଜୀଉ ମନ୍ଦିର ପ୍ରାଙ୍ଗଣରେ ହୋଇଯାଇଛି। ସଂଘ ସଭାପତି ନୟନ କିଶୋର ମଲ୍ଲିକ ବୈଠକରେ ପୌରୋହିତ୍ୟ କରିଥିଲେ। ଏଥିରେ ଜିଲାର ବ୍ଲକ ସଂଘର ଶତାଧିକ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସଂଘ ସମ୍ପାଦକ ସନାତନ ମଲ୍ଲିକ ବୈଠକର ଆଭିମୁଖ୍ୟ ବାବଦରେ ଆଲୋକପାତ କରିବା ସହ ୮ ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ଦାବି ମଧ୍ୟରେ ସ୍ୱାବଲମ୍ବୀ କାରିଗର ପଦବୀ ପରିବର୍ତ୍ତେ ସେମାନଙ୍କୁ ଜଳ ଯୋଗାଣ କର୍ମଚାରୀର ମାନ୍ୟତା ଦେବା, ସୁପ୍ରିମକୋର୍ଟଙ୍କ ଆଦେଶନାମା ଅନୁଯାୟୀ ସମାନ କାମକୁ ସମାନ ଦରମା ପ୍ରଦାନ, ବିଗତବର୍ଷର ବକେୟା ରାଶି ପ୍ରଦାନ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଦାବି ପୂରଣ ପାଇଁ ସରକାର ଯଥାଶୀଘ୍ର ପଦକ୍ଷେପ ନେବାକୁ ବୈଠକରେ ସଦସ୍ୟମାନେ ଦାବି କରିଥିଲେ। ବୈଠକରେ ଜିଲା ସଂଘ ଉପସଭାପତି ଦିଲୀପ କୁମାର ନାୟକ, ସହସମ୍ପାଦକ ପ୍ରଫୁଲ୍ଲ କୁମାର ପଲାଇ ଓ ପ୍ରଶାନ୍ତ କୁମାର ସେଠ, ଉପଦେଷ୍ଟା ନିରଞ୍ଜନ ଓଝା, ମହେଶ୍ୱର ପଢିହାରୀ ପ୍ରମୁଖ ଯୋଗ ଦେଇଥିଲେ। ସଂଘ କୋଷାଧ୍ୟକ୍ଷ ଅଭୟ କୁମାର ଓଝା ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ଡେରାବିଶ,୨୧।୧୧(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଶିକ୍ଷା ସର୍କଲ ଅଧୀନ ଜମଧର ସ୍ଥିତ ନାରାୟଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଲି ଚରଣ ବେହେରାଙ୍କ ଆବାହକତ୍ୱରେ ଆହୁତ ବୈଠକରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ରହି ପରିଚାଳନା କମିଟି ଗଠନରେ ଅଂଶଗ୍ରହଣ କରିଥିଲେ। ୱାର୍ଡ ସଭ୍ୟ ଗୌରାଙ୍ଗ ଚରଣ ଦାସଙ୍କ ସହଯୋଗରେ ୧୯ ଜଣ ସଭ୍ୟାସଭ୍ୟ ପରିଚାଳନା କମିଟିକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରମୋଦ କୁମାର ବେହେରାଙ୍କୁ ସଭାପତି ଓ ସବିତା ସେଠୀଙ୍କୁ ଉପସଭାପତି ଭାବେ ଚୟନ କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ବେହେରା ନିର୍ବାଚିତ ପରିଚାଳନା କମିଟିର କର୍ମକର୍ତ୍ତା ଓ ସଭ୍ୟାସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ୬୨ ଲକ୍ଷ ଖର୍ଚ୍ଚ ସତ୍ତ୍ୱେ ଅବସ୍ଥା ସୁଧୁରୁନି

**ଉତିକଣ ବନ୍ୟା ବନ୍ଧ ରାସ୍ତା ଶୋଚନୀୟ**



ଉତିକଣ ବନ୍ୟା ବନ୍ଧ ରାସ୍ତାରେ ଖାଲ।

ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅଞ୍ଚଳର ଜୀବନରେଖା କୁହାଯାଉଥିବା ଉତିକଣ ବନ୍ୟା ବନ୍ଧ ରାସ୍ତା ନିର୍ମାଣରେ ୬୨ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଅବସ୍ଥା ସୁଧୁରୁନାହିଁ ବୋଲି ଅଭିଯୋଗ ହେଉଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ସେହିପରି ବକ୍ତାରପୁର-ମଦନପୁର ପୂର୍ତ୍ତ ବିଭାଗ ତଳ ରାସ୍ତାଟି ଖାଲଖମା ଯୋଗୁ ଗମନାଗମନ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତା ଉପରେ ଦୈନିକ ଶତାଧିକ ଲୋକ ନିର୍ଭର କରୁଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ରାଜନଗର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୧୮ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଶିଥିଳତା ଦେଖାଦେଇଛି। ବିକାଶମୂଳକ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଛି। ଫଳରେ ଏହି ଅଞ୍ଚଳର ଅବସ୍ଥା ଦୟନୀୟ ହୋଇପଡିଛି।

ପଟ୍ଟାମୁଣ୍ଡାଇ-ମଦନପୁର ୧୫ କି.ମି. ଉତିକଣ ବନ୍ୟାବନ୍ଧ ରାସ୍ତା ଜଳସେଚନ ଓ ପୂର୍ତ୍ତ ବିଭାଗର ଦ୍ୱୈତ ଶାସନରେ ଥିବାରୁ ରକ୍ଷଣାବେକ୍ଷଣ ଓ ମରାମତି ହୋଇପାରୁନାହିଁ। ଆବଶ୍ୟକ ମରାମତି ଅଭାବରୁ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇଛି। ଗାଡି ମୋଟର ତ ଦୂର କଥା ଖାଲି ପାଦରେ ଯିବା ଅସମ୍ଭବ ହୋଇପଡୁଛି। ଦୈନିକ ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏହାର ମରାମତି ପାଇଁ ଜନସାଧାରଣ ଦାବି କରି ଆସୁଛନ୍ତି। ବିଧାନସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇଠାରୁ ରାଜନଗର ଉତିକଣ ବନ୍ୟା ବନ୍ଧ ରାସ୍ତା ନିର୍ମାଣ ପାଇଁ ସରକାରୀ ତହବିଲରୁ ୨୦୨୦/୨୧ ଆର୍ଥିକ ବର୍ଷରେ କେତେ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ନିର୍ମାଣ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ମଲ୍ଲିକଙ୍କ ଉତ୍ତରରେ ଉକ୍ତ ଆର୍ଥିକ ବର୍ଷରେ ୬୨ ଲକ୍ଷ ୬୪ ହଜାର ୪୧୮ ଟଙ୍କା ଖର୍ଚ୍ଚ କରାଯାଇଥିବା କହିଥିଲେ। ଏତେ ଟଙ୍କା ଖର୍ଚ୍ଚ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ ଉତିକଣ ବନ୍ୟା ବନ୍ଧ ରାସ୍ତାରେ କୌଣସି ଉନ୍ନତି ହୋଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଉତିକଣ ବନ୍ୟା ବନ୍ଧରେ ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଇଥିବା ଅର୍ଥ ବାସ୍ତବରେ ଏହା ଠିକ୍ ନୁହେଁ ବୋଲି ରାସ୍ତାର ଅବସ୍ଥାରୁ ସହଜରେ ଅନୁମେୟ । ସେହିପରି ପୂର୍ତ୍ତ ବିଭାଗର ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲଠାରୁ ମଦନପୁର ପର୍ଯ୍ୟନ୍ତ ୧୪ କିମି ରାସ୍ତା ଗତ ୨ ବର୍ଷ ହେଲା ନିର୍ମାଣ କି ମରାମତି ହେଉନାହିଁ ବୋଲି ସାଧାରଣରେ କୁହାଯାଉଛି। ମାତ୍ର ରାସ୍ତାର ବହୁ ସ୍ଥାନରେ ଖାଲଖମା ହୋଇଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ରାଜ୍ୟ ସରକାରଙ୍କ ତହବିଲରୁ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ନୀତି ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ରାଜ୍ୟ ସରକାର, ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ସବୁଦିନିଆ ରାସ୍ତା ନିର୍ମାଣ କାରିବା ସହ ୨୦୨୦/୨୧ ଆର୍ଥିକ ବର୍ଷରେ ଉତିକଣ ବନ୍ୟା ବନ୍ଧ ରାସ୍ତାରେ ଖର୍ଚ୍ଚ କରାଯାଇଥିବା ଟଙ୍କାର ଭିଜିଲାନ୍ସ ତଦନ୍ତ କରାଯିବା ଦରକାର ବୋଲି ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ରାମଚନ୍ଦ୍ର ନାୟକଙ୍କୁ ପଚାରିବାରେ ଉତିକଣ ବନ୍ୟା ବନ୍ଧ ଅବସ୍ଥା ସୁଧାରିବାକୁ ଚେଷ୍ଟା କରାଯିବ। ସେହିପରି ବକ୍ତାରପୁର-ମଦନପୁର ପୂର୍ତ୍ତ ବିଭାଗ ତଳ ରାସ୍ତାଟି ମଧ୍ୟ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।

### ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ନାଉଗାଁ,୨୧।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ନାଉଗାଁ ବଜାରରେ ଥିବା କାଦମ୍ବିନୀ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁଜିତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ବିଜେଡି ସଭାପତି ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ ଓ ଜିଲା ପରିଷଦ ସଭ୍ୟ ସୁବଳ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳକୁ ତୃଣମୂଳସ୍ତରରୁ ସୁଦୃଢ ଓ ସୁସଂଗଠିତ କରିବାକୁ ଦଳୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ଆତ୍ମା କମିଟି ଅଧ୍ୟକ୍ଷ ବସନ୍ତ ପାଢୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ସଭାପତି, ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଦଳର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

### କଇଁଛଙ୍କ ନିରାପଦ ଅଣ୍ଡାଦାନ ପାଇଁ ବେଳାଭୂମି ସଫେଇ

ରାଜନଗର, ୨୧।୧୧(ଡି.ଏନ.ଏ.)

ବିରଳ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ଋତୁ ନଭେମ୍ବର ୧ରୁ ଆରମ୍ଭ ହୋଇଛି। ଏମାନେ ସୁରକ୍ଷିତ ଭାବେ ଆସି ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେବେ ସେ ନେଇ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମା' କଇଁଛମାନେ ବେଳାଭୂମିର ବାଲୁକା ଶର୍ଯ୍ୟାକୁ ଆସି ଗାତ ଖୋଳି ଅଣ୍ଡାଦାନ କରିଥାନ୍ତି। ସେମାନେ ନିରାପଦ ଭାବେ ଅଣ୍ଡାଦାନ ପାଇଁ ବେଳାଭୂମି ସ୍ୱଚ୍ଛ ଓ ଆବର୍ଜନା ମୁକ୍ତ ହେବା ଦରକାର। ଚଳିତବର୍ଷ ରାଜନଗର ଡିଏଫ୍‌ଓ ଯଜ୍ଞଦତ୍ତ ପତିଙ୍କ ନେତୃତ୍ୱରେ କଇଁଛ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ରବିବାର ରାଜନଗର ବ୍ଲକର ପେଣ୍ଠ ଗାଁର ନୀଳକଣ୍ଠେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରସନ୍ନପୁର ଗାଁର ମା' ପ୍ରସନ୍ନ ବଦନୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମା'ପ୍ରସନ୍ନେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବେଳାଭୂମି ସଫେଇ କରିଛନ୍ତି। ରାଜନଗର ରେଞ୍ଜର ପେଣ୍ଠଠାରୁ ଚିତଉକୋଲା ଯାଏ ଦୀର୍ଘ ୧୫ଶହ ମିଟର ବେଳାଭୂମିକୁ ସଫେଇ କରାଯାଇଛି। ବେଳାଭୂମିରେ ପଡିଥିବା ଛିଣ୍ଡା ଜାଲ, ପ୍ଲାଷ୍ଟିକ ଓ କାଚ ବୋତଲ, ପ୍ଲାଷ୍ଟିକ ଗ୍ଲାସ, ପଲିଥିନ ପ୍ରଭୃତି ଆବର୍ଜନାକୁ ସଫେଇ କରାଯାଇଛି। ବେଳାଭୂମିରୁ ପ୍ରାୟ ୨ଟନ୍ ପ୍ଲାଷ୍ଟିକ ଆବର୍ଜନା ସଫେଇ କରାଯାଇଛି। ଏହି ଆବର୍ଜନାକୁ ରାଜନଗର ଆଣି ନଷ୍ଟ କରିବାକୁ ଯୋଜନା ହୋଇଛି। ଏସ୍‌ଏଚ୍‌ଜିରେ ମହିଳାମାନେ ପ୍ରଥମଥର ପାଇଁ ବେଳାଭୂମି ସଫେଇରେ ଓ କଇଁଛ ସୁରକ୍ଷାରେ ସାମିଲ ହୋଇଛନ୍ତି। ବେଳାଭୂମିକୁ ସ୍ୱଚ୍ଛ ରଖିବା ଆମ କାମ, ପ୍ଲାଷ୍ଟିକ ଆବର୍ଜନା ସମୁଦ୍ର କୂଳରେ ନ ପକାଇବାକୁ ଏସ୍‌ଏଚଜିର ମହିଳାମାନେ ଲୋକଙ୍କୁ ସଚେତନ କରିବେ ବୋଲି ରାଜଲକ୍ଷ୍ମୀ ବେହେରା, ପୁଷ୍ପଲତା ସେଠୀ କହିଛନ୍ତି। ଏସ୍‌ଏଚଜିର ମହିଳାମାନଙ୍କ ସହ ରାଜନଗର ରେଞ୍ଜର ବନ କର୍ମଚାରୀ ସଫେଇରେ ସାମିଲ ଥିଲେ। ଏଥିରେ ଏସିଏଫ ବିରଞ୍ଚି ନାରାୟଣ ସାମଲ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ, ଗୋପୀନାଥ ଦାସ, ରଶ୍ମି ରଞ୍ଜନ ଦାସ ଓ ବନ କର୍ମଚାରୀମାନେ ସାମିଲ ହୋଇଥିଲେ।



ମହିଳାମାନେ ବେଳାଭୂମି ସଫେଇ କରୁଛନ୍ତି।

### 'ଗହଗାପାଟ ଜଳ ନିଷ୍କାସନର ସ୍ଥାୟୀ ସମାଧାନ ହେବ'





ସଭାରେ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

ମାର୍ଶାଘାଇ,୨୧।୧୧(ଡି.ଏନ.ଏ.)

ମାର୍ଶାଘାଇ ଓ ଗରଦପୁର ବ୍ଲକର ଗହଗାପାଟର ଜଳ ନିଷ୍କାସନର ସ୍ଥାୟୀ ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି କେନ୍ଦ୍ର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଟୁଡୁ ରିବାର ମଧ୍ୟାହ୍ନରେ କେନ୍ଦ୍ରାପଡ଼ାରୁ ବାହାରି ମାର୍ଶାଘାଇ ବ୍ଲକର ବନ୍ଧକଟା, ବଚ୍ଛରାଇ ଓ ପରକୁଳା ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ଗହଗାପାଟ ଦେଖି ଥିଲେ। ତଳମୁଣ୍ଡରେ ଥିବା ନାରାୟଣପୁର ସ୍ଲୁଇସ ଗେଟ ନିକଟରେ ବିଭାଗୀୟ ଅଧିକାରୀମାନେ ମ୍ୟାପ ଦେଖାଇ ତାଙ୍କୁ ଜଳ ନିଷ୍କାସନ ବିଷୟରେ ବୁଝାଇ ଥିଲେ। ପରେ ଅପରାହ୍ନରେ ପିକରାଳି ସ୍କୁଲ ପଡିଆରେ ଏକ ସାଧାରଣ ସଭାରେ ଯୋଗଦେଇ ମନ୍ତ୍ରୀ ଟୁଡୁ କହିଥିଲେ ଯେ ଗହଗାପାଟରେ ଜଳ ନିଷ୍କାସନ ପାଇଁ କେନ୍ଦ୍ର ଟଙ୍କା ଯୋଗାଇ ଦେବ। ରାଜ୍ୟ ସରକାର ଏହାକୁ ପୂର୍ଣ୍ଣାଙ୍ଗ କରିବେ। ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ସରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମନ୍ତ୍ରୀ ଟୁଡୁଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ଜିଲା ସଭାପତି କିଶୋର ପଣ୍ଡା, ବିଷ୍ଣୁ ଦାସ, ବିଜୟ ପ୍ରଧାନ, ଚାଷୀନେତା ଶିବ ପ୍ରସାଦ ସିଂହ, ନବଘନ ପରିଡା, ଦୁର୍ଗା ପ୍ରସନ ନାୟକ ଓ ଜିଲା ପରିଷଦ ସଭ୍ୟ ସନ୍ତୋଷ ଜେନା ଉପସ୍ଥିତ ଥିଲେ। ସାମାଜିକ କର୍ମୀ କେଦାର ସାମନ୍ତରାୟ ସଭା ପରିଚାଳନା କରିଥିଲେ।

### ପୁସ୍ତକ ହେଉଛି ମାନବସମାଜର ମୁଖଶାଳା

କୁଜଙ୍ଗ,୨୧।୧୧(ଡି.ଏନ୍.ଏ.)

ସାହିତ୍ୟ ସମାଜମୁଖୀ ହେଲେ ଜନ ଜୀବନର ବହୁ ବିକାଶ ହୋଇପାରିବ ବୋଲି ରବିବାର କଳାଶ୍ରୀ ସାହିତ୍ୟ ସଂସଦର ସାରସ୍ୱତ ଉତ୍ସବରେ ମତପ୍ରକାଶ ପାଇଛି। କୁଜଙ୍ଗ କମ୍ୟୁନିଟି ହଲ୍‌ରେ ସଂସଦର ସାରସ୍ୱତ ଉତ୍ସବ, ସମ୍ବର୍ଦ୍ଧନା, ପୁସ୍ତକ ଉନ୍ମୋଚନ, କବିତା ପାଠୋତ୍ସବ ହୋଇଥିଲା। ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ନାରୀକବି ତୁଳସୀ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ପୁସ୍ତକ ହେଉଛି ମାନବ ସମାଜର ମୁଖଶାଳା, ଏହାକୁ ବାଦ ଦେଇ ସୁନ୍ଦର ଓ ଶାନ୍ତ ପରିବେଶର ପରିକଳ୍ପନା କରାଯାଇ ପାରିବନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଭାଗବତ ଶୁକ୍ଳ ଯୋଗଦେଇଥିଲେ। ଏହି ଅବସରରେ ଗାଳ୍ପିକା ମଞ୍ଜୁଶ୍ରୀ ପ୍ରଧାନ ୨ଟି ପୁସ୍ତକ ଉନ୍ମୋଚନ କରିଥିଲେ। ଅଧ୍ୟାପକ ଭୁବନାନନ୍ଦ ଅଧିକାରୀ ଓ ଅଧ୍ୟାପିକା ସଂଯୁକ୍ତା ତ୍ରିପାଠୀ ପୁସ୍ତକଗୁଡିକୁ ସମୀକ୍ଷା କରିଥିଲେ। ଗାଳ୍ପିକା ମଞ୍ଜୁଶ୍ରୀ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ବସନ୍ତ ମଞ୍ଜରୀ ଦାସ ଓ ଡ. କ୍ଷୀରୋଦ କୁମାର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିତେନ୍ଦ୍ରିୟ ରାଉତ ଧନ୍ୟବାଦ ଦେଇଥିଲେ।

### ବ୍ୟାସ ମିଡିଆ କପ୍: ଯାଜପୁର ପୋଲିସ ଚାମ୍ପିୟନ

ଯାଜପୁର ରୋଡ୍,୨୧।୧୧(ଡି.ଏନ.ଏ.)

ଯାଜପୁର ଜିଲା ବ୍ୟାସନଗର ପ୍ରେସ୍ ଫୋରମ ଦ୍ୱାରା ଆୟୋଜିତ ୧୧ତମ ବ୍ୟାସ ମିଡିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହୋଇଛି। ଟାଟା ଷ୍ଟିଲ୍ ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଯାଜପୁର ଜିଲା ପୋଲିସ ଚାମ୍ପିୟନ ହୋଇଛି। ଯାଜପୁର ରୋଡ୍ ଏନ୍‌ସି ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଏବଂ ଟାଟାଷ୍ଟିଲ ଓଡ଼ିଶା କର୍ପୋରେଟ ମୁଖ୍ୟ ସୌମିତ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ଉତ୍ସବକୁ ବ୍ୟାସନଗର ପ୍ରେସ ଫୋରମ ସଭାପତି ଅଭୟ ପତି ପରିଚାଳନା କରିଥିଲେ। ସମ୍ପାଦକ ଉଦୟ ନାଥ ଖଣ୍ଡାଇ ଧନ୍ୟବାଦ ଦେଇଥିଲେ।

ଫାଇନାଲ ମ୍ୟାଚରେ ଟାଟା ଷ୍ଟିଲ ସହ ଯାଜପୁର ପୋଲିସର ମୁକାବିଲା ଦେଖିବାକୁ ମିଳିଥିଲା। ଟସ୍ ଜିଣି ପ୍ରଥମେ ଯାଜପୁର ପୋଲିସ ବ୍ୟାଟିଂ ନିଷ୍ପତ୍ତି ନେବା ସହିତ ନିର୍ଦ୍ଧାରିତ ୧୦ଓଭରରେ ୭ଉଇକେଟ ହରାଇ ୧୦୬ରନ୍ କରିଥିଲ। ଦଳ ପକ୍ଷରୁ କଳ୍ପତରୁ ଥଣ୍ଡା ୪୦ରନ୍ କରିଥିଲେ। ଜବାବରେ ଟାଟାଷ୍ଟିଲ ୧୦ଓଭରରେ ୭ଟି ଉଇକେଟ ହରାଇ ୯୩ରନ୍ ସଂଗ୍ରହ କରି ରନସ୍‌ଅପ ଭାବେ ବିବେଚିତ ହୋଇଥିଲା। ବ୍ୟାସନଗର ପ୍ରେସ ଫୋମର ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯାଜପୁର ଜିଲା ଆଥଲେଟିକ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଏବଂ ପୂର୍ବତନ ପୌରାଧକ୍ଷା ସବିତା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନସ୍‌ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ମ୍ୟାନ ଅଫ୍ ଦି ସିରିଜି ଭାବେ ଯାଜପୁର ପୋଲିସର ପହଲି ନାୟକ ଏବଂ ମ୍ୟାନ ଅଫ ଦି ମ୍ୟାଚ ଭାବେ କଳ୍ପତରୁ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ବ୍ୟାଟସ୍ ମ୍ୟାନ ଭାବେ ଟାଟାଷ୍ଟିଲ ନିଲେଶ ଖୁଣ୍ଟିଆ, ବେଷ୍ଟ ବୋଲର ଭାବେ ଯାଜପୁର ପୋଲିସର ପ୍ରଶାନ୍ତ ନାୟକ ଏବଂ ବେଷ୍ଟ ଫିଲଡ଼ର ଭାବେ ଲୟର୍ସ କ୍ଲବର ଜଗନ୍ନାଥ ପ୍ରସାଦ ପତିଙ୍କୁ ପୁରସ୍କୃତ କରାଯାଇଥିଲା।





ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

### ବୃଦ୍ଧ ମା', ବାପାଙ୍କ ଉପରେ ପୁଅର ଚିକିତ୍ସା ବୋଝ

ନାଉଗାଁ,୨୧।୧୧(ସ୍ୱ.ପ୍ର.)

- ଚିକିତ୍ସାରେ ଅର୍ଥ ସାଜିଛି ବାଧକ
- ୧୩ ବର୍ଷ ହେବ ମେରୁଦଣ୍ଡଜନିତ ରୋଗରେ ପୀଡ଼ିତ

ଯେଉଁ ବୟସରେ ନିଜେ ରୋଜଗାର କରି ପରିବାର ପ୍ରତିପୋଷଣ କରିବା କଥା ସେହି ବୟସରେ ଚିକିତ୍ସା ପାଇଁ ମା' ବାପାଙ୍କ ଉପରେ ବୋଝ ପାଲଟିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ଗାଁର ତପନ କୁମାର ଜେନା(୪୬)କ୍ଷେତ୍ରରେ। ସେ ଦୀର୍ଘ ୧୩ ବର୍ଷ ହେବ ମେରୁଦଣ୍ଡ ଜନିତ ରୋଗରେ ପୀଡିତ ହୋଇ ଘରେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଯେଉଁଠି ବସିଲେ ଉଠିବାକୁ ନୟାନ୍ତ ହୋଇପଡୁଛନ୍ତି। ମାତ୍ର ଅର୍ଥ ଅଭାବରୁ ସେ ଉନ୍ନତମାନର ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ତପନଙ୍କ ବାପା ଭରତଙ୍କ ବୟସ ୮୦ ଓ ମା'ଙ୍କ ବୟସ ୭୦ରୁ ଊର୍ଦ୍ଧ୍ୱ ହେବ। ସେ ମା'ବାପାଙ୍କ ଏକମାତ୍ର ପୁଅ। ସେ ରାଜ୍ୟ ବାହାରେ ଏକ ଘରୋଇ କମ୍ପାନୀରେ କାମ କରି ଭଲ ଅର୍ଥ ରୋଜଗାର କରୁଥିଲେ। ୨୦୦୮ରେ ଗାଁକୁ ଆସିଥିଲେ। ଗାଁରେ ଥିବା ସମୟରେ ଅସୁସ୍ଥ ହୋଇ ପଡ଼ିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ମେରୁଦଣ୍ଡଜନିତ ରୋଗରେ ପୀଡ଼ିତ ଥିବା ଜାଣିପାରି ଥିଲେ। ପୁଅର ଚିକିତ୍ସା ପାଇଁ ଭରତ ଜମିବାଡିଠାରୁ ଘରର କଂସାବାସନ ଆଦି ବିକ୍ରି କରି ସର୍ବସ୍ୱାନ୍ତ ହୋଇଗଲେଣି। କେବଳ ଘରଡିହ ସହ ୨ ବଖରା ଚାଳ ଘର ରହିଛି। ବୃଦ୍ଧ ମା'ବାପା ଏବେ ବାଡିରେ ଫସଲ ଲଗାଇ ବଜାରରେ ବିକି ପରିବାର ଚଳାଉଛନ୍ତି। ସରକାର ତାଙ୍କ ଦୁଃଖ ଶୁଣି ପୁଅର ଉନ୍ନତ ଚିକିତ୍ସା ପାଇଁ ବ୍ୟବସ୍ଥା କରିବାକୁ ତପନଙ୍କ ମା' ପ୍ରତିମା ଆକୁଳ ନିବେଦନ କରିଛନ୍ତି।

### ଜନଶୁଣାଣିରେ ପ୍ରକଳ୍ପ ପାଇଁ ମିଶ୍ର ପ୍ରତିକ୍ରିୟା

କୁଜଙ୍ଗ,୨୧।୧୧(ଡି.ଏନ୍.ଏ.)

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ରବିବାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲାପାଳ ପାରୁଲ ପଟୱାରୀ, ଏସ୍‌ପି ଅଖିଳେଶ ସିଂ, ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ପାରାଦୀପର ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ ପ୍ରମୁଖ ଯୋଗଦେଇ ଲୋକଙ୍କ ମତାମତ ଶୁଣିଥିଲେ। ଏହି ଅବସରରେ ଢିଙ୍କିଆ ପଞ୍ଚାୟତର ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଓ ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ ପ୍ରକଳ୍ପକୁ ବିରୋଧ କରିଥିଲେ। ସେମାନଙ୍କୁ ସମର୍ଥନ କରି ଢିଙ୍କିଆ ପଞ୍ଚାୟତ ବହୁ ଲୋକ ମଧ୍ୟ ନାରାବାଜି ଦେଇଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଶିବିରରେ ନୃସିଂହ ରାଉତ, ରଞ୍ଜନ ବର୍ଦ୍ଧନ, ମମତା ନାୟକ, ପ୍ରିୟଦର୍ଶିନୀ ପଣ୍ଡା, ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ପୂର୍ବତନ ସମିତି ସଭ୍ୟ ପ୍ରକାଶ ଜେନା, ଚନ୍ଦନ ମହାନ୍ତି ଓ ଅକ୍ଷୟ ଦାସ ପ୍ରମୁଖ ଯୋଗଦେଇ ସେମାନଙ୍କ ମତାମତ ରଖିଥିଲେ। ସମସ୍ତ ମତାମତ ଶୁଣିଲା ପରେ ମନ୍ତ୍ରୀ ଦାସ ଓ ଜିଲାପାଳ ପଟୱାରୀ କହିଥିଲେ, ସରକାର ଓ ପ୍ରଶାସନ ଲୋକଙ୍କ ଦାବି ପ୍ରତି ସମ୍ବେଦନଶୀଳ ଅଛନ୍ତି। ପରବର୍ତ୍ତୀ ସମୟରେ ବିଚାର ବିମର୍ଶ କରି ସେମାନଙ୍କ ହିତ ଅନୁସାରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଶିବିରରେ ଇତିଶ୍ରୀ ଭୂୟାଁ, ପ୍ରଣବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

### ଯୋଗ୍ୟ ହିତାଧିକାରୀ ଆବାସରୁ ବଞ୍ଚିତ

ରଘୁନାଥପୁର୨୧।୧୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଙ୍ଗାଳିଖରଦା ୧୧ ନଂ.ୱାର୍ଡରେ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସିକ ଯୋଜନାରେ ସାମିଲ କରାଯାଇନାହିଁ। ୨ଥର ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ ସତ୍ତ୍ୱେ କୌଣସି ଅଧିକାରୀ ତାଙ୍କ ଗୁହାରି ଶୁଣୁନାହାନ୍ତି ବୋଲି ରବୀନ୍ଦ୍ରନାଥ ରାଉତ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପରିବାର କହିଲେ ସ୍ତ୍ରୀ ଓ ପିଲାଙ୍କୁ ନେଇ ୫ ସଦସ୍ୟ। ରବୀନ୍ଦ୍ରନାଥ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ଫନୀ ବାତ୍ୟାରେ ତାଙ୍କ ଘରର ଅବସ୍ଥା ଶୋଚନୀୟ ହୋଇଯାଇଥିଲା। ମାତ୍ର ଅର୍ଥ ଅଭାବରୁ ମରାମତି ହୋଇପାରୁନାହିଁ। ଏଭଳିସ୍ଥିତିରେ ରବୀନ୍ଦ୍ରନାଥଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବାରୁ ପରିବାର ଲୋକେ ଉକ୍ତ ଭଙ୍ଗା ଘରେ ଖରା, ବର୍ଷା, ଶୀତ କାକରରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ଏସମ୍ପର୍କରେ ରବୀନ୍ଦ୍ରଙ୍କ ସ୍ତ୍ରୀ ଶାନ୍ତିଲତା କୁହନ୍ତି, ନିର୍ବାଚନ ଆସିଲେ ପ୍ରତିଥର ନେତାମାନେ ଆବାସିକ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦିଅନ୍ତି। ମାତ୍ର ପରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାଥମିକତା ଦେବା ପରିବର୍ତ୍ତେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି। ଏପରିକି ଲାଞ୍ଚ ଦେଇ ପାରୁ ନଥିବାରୁ ତାଙ୍କୁ ଏଥିରେ ସାମିଲ କରାଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ସରପଞ୍ଚ ଛବିତା ମହାନ୍ତି କହିଛନ୍ତି, ରବୀନ୍ଦ୍ରନାଥଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଡିଓ ଜିତେନ୍ଦ୍ର କୁମାର ନାୟକ କହିଛନ୍ତି, ଏ ନେଇ କୌଣସି ଅଭିଯୋଗ ଏପର୍ଯ୍ୟନ୍ତ ଆସିନି। ତେବେ କେଉଁ କାରଣରୁ ରବୀନ୍ଦ୍ରଙ୍କୁ ପକ୍କାଘର ମିଳିନାହିଁ ତାହା ବୁଝିବା ପରେ ପଦକ୍ଷେପ ନିଆଯିବ।

### ବ୍ୟାଡମିଣ୍ଟନ ପ୍ରତିଯୋଗିତା: ଭୁବନେଶ୍ୱର ଚାମ୍ପିୟନ

ଜଗତ୍‌ସିଂହପୁର ଅଫିସ, ୨୧।୧୧

ଜଗତ୍‌ସିଂହପୁର ଜିଲା ବଲ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ (ରୁରାଲ) ଆନୁକୂଲ୍ୟରେ ୨୬ତମ ଜୁନିୟର ରାଜ୍ୟ ବଲ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ହୋଇଯାଇଛି। ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମୁଦୁପୁର ଖେଳପଡ଼ିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଗତ ୧୯ତାରିଖରୁ ରବିବାର ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ୨୦ଟି ଦଳର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆସୋସିଏଶନ ସମ୍ପାଦକ ଟୁନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକ ବିଭାଗରେ ଭୁବନେଶ୍ୱର ଦଳ ଚାମ୍ପିୟନ, ପୁରୀ ଟିମ୍ ରନର୍ସଅପ୍ ହୋଇଛି। ଆୟୋଜିତ ସଭାରେ ଆସୋସିଏଶନ ସଭାପତି ଆଇନଜୀବୀ ନରେଶ ଦାସ ପୌରୋହିତ୍ୟ କରିଥିବାବେଳେ ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ମୁଦୁପୁର ପଞ୍ଚାୟତ ସମିତି ସଭ୍ୟା ମୌସୁମୀ ବାରିକ, ଅବସରପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ମିଶ୍ର, ରାଜ୍ୟ ବଲ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ଦେବାଶିଷ ପରିଡ଼ା, ଦେବାଶିଷ ରାଉଳ, ସତ୍ୟରଞ୍ଜନ ତ୍ରିପାଠୀ, କୈବଲ୍ୟ କୁମାର, ବିଶ୍ୱଜିତ ଖଟୁଆ ଓ ମନୋଜ କୁମାର ପ୍ରମୁଖ ପରିଚାଳନା କରିଥିଲେ।



ରାଜ୍ୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳିମାନେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ନଭେମ୍ବର, ୨୦୨୧



**ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ବୈଠକ**

ବେଗୁନିଆପଡ଼ା,(ଡି.ଏନ୍.ଏ.): ବେଗୁନିଆପଡା ବ୍ଲକ କେ. ବରାଡାସ୍ଥିତ ଅମରେଶ୍ୱର ମନ୍ଦିର ପରିସରରେ ଜିଲାଶ୍ତରୀୟ ଏସ୍ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆପଡ଼ା ବ୍ଲକ ସଂଘର ସଭାପତି ପ୍ରବୀଣ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ଜିଲା ସଭାପତି ପ୍ରମୋଦ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କର୍ମଚାରୀଙ୍କ ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ଉପସଭାପତି ଅରକ୍ଷିତ ବାରିକ, ସମ୍ପାଦକ ରବୀନ୍ଦ୍ର ଭଞ୍ଜଦେଓ, ସହ ସମ୍ପାଦକ ସୁରେନ୍ଦ୍ର ନାଥ ପାତ୍ର, କୋଷାଧକ୍ଷ ସନ୍ତୋଷ କୁମାର ରେଡ୍ଡୀ, ଉପଦେଷ୍ଟା ପ୍ରଭାତ କୁମାର ସାହୁଙ୍କ ସମେତ ଜିଲାର ସମସ୍ତ ବ୍ଲକର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ୩ ଗୁରୁତର

ପୋଲସରା,୨୧।୧୧(ଡି.ଏନ.ଏ.): ପୋଲସରା ଥାନା ନିକଟ ମଥୁରା ଗ୍ରାମର ଗୁଡିମାଳ ଠାରେ ଏକ କାର ଦୁର୍ଘଟଣାରେ ଚାଳକ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏଥିରେ ଜଣେ ଶିଶୁ ରହିଛି। ଗୁରୁତରମାନଙ୍କୁ ପ୍ରଥମେ ପୋଲସରା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବ୍ରହ୍ମପୁରରୁ ଏକ ପରିବାର ପୋଲସରା ଷଣ୍ଢ ସାହିର ଏକ ଭୋଜିରେ ଯୋଗଦେବା ପାଇଁ ଆସୁଥିବା ବେଳେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ନକଲି ଥାନାଧିକାରୀ ଗିରଫ

ଖଲ୍ଲିକୋଟ,୨୧।୧୧(ଡି.ଏନ.ଏ.): ଖଲ୍ଲିକୋଟ ଥାନାଧିକାରୀ କହି ସାଧାରଣ ଲୋକଙ୍କୁ ଧମକ ଦେବା ଘଟଣାରେ ସ୍ଥାନୀୟ ବ୍ଲକ ଚିକିଲି ଗ୍ରାମର ସୁନୀଲ କୁମାର ଗୌଡ଼ଙ୍କୁ ପୋଲିସ ରବିବାର କୋର୍ଟଚାଲାଣ କରିଛି। କୌଣସି ଏକ ଘଟଣାକୁ ନେଇ ବ୍ଲକ ଅନ୍ତର୍ଗତ ଭରସା ଗ୍ରାମର ଅର୍ଜୁନ ସେଠୀଙ୍କୁ ଏକ କଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଖଲ୍ଲିକୋଟ ଥାନାଧିକାରୀଙ୍କ ନାମ କହି ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଏହି ଧମକର ଫୋନ ରେକର୍ଡିଂ ଭାଇରାଲ ହେବା ପରେ ଖଲ୍ଲିକୋଟ ଥାନାଧିକାରୀ ଜଗନ୍ନାଥ ମଲିକ ତଦନ୍ତ ଆରମ୍ଭ କରି ଚିକିଲି ଗ୍ରାମର ସୁନୀଲ ଗୌଡ଼ଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୭୦୭/୨୧ ମାମଲା ରୁଜୁ ହୋଇଛି।

### ଯୁବତୀଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨୧।୧୧(ଡି.ଏନ.ଏ): ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼ର ସୁନିତା ବେହେରା ରବିବାର ବାପା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ଠିକ୍ କାରଣ ଜଣାପଡ଼ିନାହିଁ । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ସୁନିତା ଗତବର୍ଷ ବଡ଼କୋଦଣ୍ଡାର ଜଣେ ଯୁବକକୁ ବିବାହ କରିଥିଲେ। କିନ୍ତୁ କୌଣସି କାରଣରୁ ସୁନିତା ବିଗତ କିଛିଦିନ ହେବ ବାପା ଘରେ ଆସି ରହୁଥିଲେ ।

### ସୋରଡା ଏନ୍ଏସିକୁ ୧୪୪ ର୍‍ୟାଙ୍କ ମାନ୍ୟତା

ସୋରଡ଼ା,୨୧।୧୧(ଡି.ଏନ୍.ଏ.): ସୋରଡ଼ା ଏନ୍ଏସି ସର୍ବଭାରତୀୟ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୧ରେ ସାରା ଦେଶରେ ୧୪୪ ସ୍ଥାନରେ ରହିଛି। ରାଜ୍ୟସ୍ତରରେ ଅଷ୍ଟମ ଓ ଜିଲାସ୍ତରରେ ଚତୁର୍ଥ ସ୍ଥାନରେ ରହିଥିବା ରବିବାର କାର୍ଯ୍ୟନିର୍ବାହୀ ଅଧିକାରୀ ଦୂତୀକୃଷ୍ଣ ପାତ୍ର ସୂଚନା ଦେଇଛନ୍ତି। ସାରା ଭାରତରେ ଏହି ସର୍ଭେ କରାଯାଇଥିଲା। ସୋରଡା ଏନ୍ଏସିରେ ପରିମଳ ବ୍ୟବସ୍ଥା, ଶୌଚାଳୟ ବ୍ୟବହାର, ନାଳ ନର୍ଦ୍ଦମା ସଫେଇ, ରାସ୍ତା ପାର୍ଶ୍ୱ ଦୋକାନୀଙ୍କୁ ସଚେତନତା, ସହର ଚାରାରୋପଣ ପ୍ରତି ଅହରହ ଧ୍ୟାନ ଦିଆଯାଉଥିବା ଯୋଗୁ ଏହି ମାନ୍ୟତା ମିଳିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବୁଗୁଡ଼ା,୨୧।୧୧(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକ ବି. କରଡ଼ାବାଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୀମାଞ୍ଚଳ ପ୍ରଧାନଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକ ମାସ ତଳେ ସୀମାଞ୍ଚଳଙ୍କ ପେଟରେ ଅସ୍ତ୍ରୋପଚାର କରାଯାଇଥିଲା ବେଳେ ଶନିବାର ସେ ଅସୁସ୍ଥ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ସାରା ପଞ୍ଚାୟତ ପରିକ୍ରମା ପରେ ବିଳମ୍ବିତ ରାତିରେ ଦାହ କରାଯାଇଥିଲା।

### ବୁଗୁଡ଼ାରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଦାବି

ବୁଗୁଡ଼ା,୨୧।୧୧(ଡି.ଏନ୍.ଏ.): ଶବ ବ୍ୟବଚ୍ଛେଦ ପାଇଁ ହଟହଟା ହେଉଛନ୍ତି ବୁଗୁଡ଼ାବାସୀ। ବୁଗୁଡ଼ା ସହରରେ ଥାନା, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆଦି ଥିଲେ ହେଁ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନ ଥିବାରୁ ସହର ସମେତ ୨୧ ପଞ୍ଚାୟତର ଲକ୍ଷାଧିକ ଲୋକ ଦୀର୍ଘ ୪୦ କିଲୋମିଟର ଦୂର ଭଞ୍ଜନଗର ଉପରେ ନିର୍ଭର କରୁଛନ୍ତି। ଶବ ନେବା ପାଇଁ ଗାଡିଗୁଡିକ ଅଧିକ ଭଡା ନେଉଥିବା ବେଳେ ଲୋକଙ୍କ ସମୟ ମଧ ନଷ୍ଟ ହେଉଛି। ପୋଲସରା ଓ ବୁଗୁଡ଼ା ଥାନା ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ହଟହଟାର ସମ୍ମୁଖୀନ ହେଉଛନ୍ତି। ବୁଗୁଡ଼ାଠାରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି। ପ୍ରାୟ ୨୦ ବର୍ଷ ତଳେ ବୁଗୁଡ଼ାଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ୩୦ ହଜାର ଟଙ୍କା ଅନୁଦାନ ଆସିଥିଲା। ତେବେ ଜାଗା ଚିହ୍ନଟ ହୋଇ ନ ପାରିବାରୁ ଉକ୍ତ ଟଙ୍କା ଫେରି ଯାଇଥିବା ଜଣାପଡିଛି। ତେଣୁ ବୁଗୁଡ଼ାରେ ଗୋଟିଏ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ଗୋଳିଆ ପାଣିକୁ ନେଇ ସହରବାସୀ ଚିନ୍ତିତ

## ଭଞ୍ଜନଗରରେ ପାଇପ୍ ଲାଇନ୍ ଠିକ୍ ଭାବେ ବିଛାଯାଉନି

ଭଞ୍ଜନଗର,୨୧।୧୧(ଡି.ଏନ.ଏ.)



ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଇପ୍ ବିଛାଯାଇଛି।

ଭଞ୍ଜନଗର ସହରରେ ଆଜକୁ ପ୍ରାୟ ୨ ମାସ ହେବ ପାଇପ୍ ଯୋଗେ ଗୋଳିଆ ପାଣି ଆସୁଛି । ଏନେଇ ସହରବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯାହାକୁ ନେଇ ସହରବାସୀ ଚିନ୍ତିତ ଅଛନ୍ତି । ଆଗାମୀ ଦିନରେ ଏନେଇ ଆନ୍ଦୋଳନ ହେବାର ସମ୍ଭାବନା ରହିଛି । କେତକ ବ୍ୟକ୍ତି ପାଇପ୍ ଯୋଗେ ଆସୁଥିବା ପାଣିକୁ ପରୀକ୍ଷା କରିବା ପରେ ସେଥିରେ ଜୀବାଣୁ ନ ଥିବା ଜଣାପଡ଼ିଛି । କିନ୍ତୁ ମାଟି ଅଂଶ ଆସୁଥିବା ଯୋଗୁ କିଡ଼ନି ଏବଂ ପେଟ ସମେତ ଅନେକ ରୋଗ ଆଶଙ୍କା ରହିଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବୀ ହୋଇଛି। ଗୋଳିଆ ପାଣି ନିରନ୍ତର ଆସିବା ପରେ ସହରର ଏକ କାର୍ଯ୍ୟାଳୟ ପକ୍ଷରୁ ବିକଳ୍ପ ଭାବେ କାର୍ଯ୍ୟାଳୟ ପରିସରରେ କିଛିଦିନ ପୂର୍ବେ ୨ଟି ବୋର୍‌ୱେଲ ଖୋଳାଯାଇଛି । ପାଇପ୍ ପାଣି ବଦଳରେ ବୋରୱେଲ ପାଣି କଲୋନୀକୁ ଯୋଗାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। କିନ୍ତୁ ସାଧାରଣ ଲୋକଙ୍କ କଥାକୁ କେହି ଦୃଷ୍ଟି ଦେଉନାହାନ୍ତି। ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ଫିଲଟର ବେଡ୍, ଟ୍ରିଟ୍ ମେଣ୍ଟ ପ୍ଲାଣ୍ଟ ବହୁତ ପୁରୁଣା। ଫିଲଟର୍ ବେଡ଼ି ନିୟମିତ ବ୍ୟବଧାନରେ ସଫା କରାଯାଉନାହିଁ । ଯେଉଁଥିପାଇଁ ଏହି ସମସ୍ୟା ହୋଇଥିବା ଅଭିଯୋଗ ହେଉଛି।

ବର୍ତ୍ତମାନ ଭଞ୍ଜନଗର ସହରରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି । ଲୋକଙ୍କୁ ଚାହିଦା ଅନୁଯାଇ ପିଇବା ପାଣି ଯୋଗାଇ ଦିଆଯାଉଛି। ତଥାପି ଆଗାମୀ ୩୦ ବର୍ଷକୁ ଲକ୍ଷ୍ୟ ରଖି ନୂତନ ଟ୍ରିଟ୍ ମେଣ୍ଟ ପ୍ଲାଣ୍ଟ କାମ ୨ମାସ ପୂର୍ବେ ଆରମ୍ଭ ହୋଇଛି। ଏନେଇ ୩ କୋଟି ୨୦ ଲକ୍ଷ ୧୪ ହଜାର ଟଙ୍କା ଖର୍ଚ୍ଚ ହେବ। ଉକ୍ତ କାମ ୧ ବର୍ଷ ମଧ୍ୟରେ ସରିବ। ସହରର ସମସ୍ତ ଘରକୁ ପାଇପ୍ ଯୋଗେ ପାଣି ଯୋଗାଇ ଦେବା କାର୍ଯ୍ୟ ଅକ୍ଟୋବର ୨୦ ତାରିଖ ସୁଧା ସରକାରୀ ହିସାବରେ ସରିଛି। କିନ୍ତୁ ଏବେବି କେତକ ଘରକୁ ପାଇପ ପାଣି ପହଚିଂ ପାରିନାହିଁ। ବର୍ତ୍ତମାନ ସହରର କେତକ ସ୍ଥାନରେ ନୂତନ ପାଇପ ବିଛା କାମ ଚାଲିଛି। ତାହା ନିର୍ଦ୍ଧାରିତ ଗଭୀରରେ ବିଛା ଯାଉ ନ ଥିବା ଅଭିଯୋଗ ହୋଇଛି। ଉପରେ ଉପରେ ପାଇପ୍ ଲାଇନ୍ ବିଛାଯିବା ଦ୍ୱାରା ଯାନବାହନ ଚଳାଚଳ ସମୟରେ ପାଇପ୍ ଗୁଡ଼ିକ ଫାଟିଯିବାର ସମ୍ଭାବନା ରହିଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସହରବାସୀଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯାଉଛି। ନୂଆ ଟ୍ରିଟ୍ ମେଣ୍ଟ ପ୍ଲାଟ ନିର୍ମାଣ ପରେ ଲୋକଙ୍କୁ ଆହୁରି ସୁବିଧାରେ ପାଣି ଯୋଗାଇ ଦିଆଯିବ। ସରକାରଙ୍କ ନୀତି ନିୟମ ପ୍ରକାରେ ସମସ୍ତ ପଦକ୍ଷେପ ନିଆଯାଉଛି ।

## ହରଭଙ୍ଗୀ ଡ୍ୟାମର ଗେଟ୍ ଖୋଲିଲା

ଆର.ଉଦୟଗିରି, ୨୧।୧୧(ଡି.ଏନ୍.ଏ.)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଗଜପତି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଲାଗି ପାଣିପାଗ ବିଭାଗ ପକ୍ଷରୁ ଗଜପତି ଜିଲାକୁ ୟେଲୋ ଜୋନ୍ ଘୋଷଣା କରାଯାଇଛି। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଆଦେଶକ୍ରମେ ହରଭଙ୍ଗୀ ଜଳପ୍ରପାତ ଡ୍ୟାମ କର୍ତ୍ତୃପକ୍ଷ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗୁପ୍ତାଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ସନତ କୁମାର ମଲ୍ଲିକ ଏବଂ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଶୁକ୍ରବାର ରାତିରେ ଡ୍ୟାମର ଗୋଟିଏ ଗେଟ ଖୋଲାଯାଇଛି। ଏଥିସହ ବର୍ଷାକୁ ଦେଖି ଆଗକୁ ଅଧିକ ଗେଟ୍ ଖୋଲା ଯାଇପାରେ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଗୃହପାଳିତ ପ୍ରାଣୀଙ୍କୁ ନଦୀକୂଳକୁ ନ ଛାଡିବାକୁ କରିବା ସହ ଯେଉଁମାନେ ନଦୀକୂଳରେ ରହୁଛନ୍ତି, ସେମାନଙ୍କୁ ଉଚ୍ଚ ସ୍ଥାନ କିମ୍ବା କୋଠା ଘରକୁ ଚାଲିଯିବା ପାଇଁ ଅନୁରୋଧ କରାଯାଇଛି।

# ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି



ଦଳୀୟ କର୍ମୀଙ୍କୁ ନେତୃବୃନ୍ଦ ଉଦ୍‌ବୋଧନ ଦେଉଛନ୍ତି।

ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର.)

ଆସନ୍ତା ୨୦୨୨ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ଏ ଅବସରରେ ରବିବାର ଖଣ୍ଡପଡ଼ା ଅରୁଣ ନିବାସ ପରିସରରେ ବିଜେଡିର ଏକ ବନ୍ଧୁ ମିଳନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତରୁ ୫ ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ, ସଙ୍ଗଠକ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ । ପୂର୍ବତନ ବିଧାୟକ ପଟ୍ଟନାୟକ ଦଳୀୟ ସଙ୍ଗଠନକୁ ପ୍ରତି ପଞ୍ଚାୟତରେ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଶିଖରପୁର ସରପଞ୍ଚ ନବ କିଶୋର ସାହୁ, ଅଙ୍କୁର ମହାରଣା, କୃଷ୍ଣ ଚନ୍ଦ୍ର ସାହୁ, ବିପିନ କୁମାର ସାମଲ, ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ସରପଞ୍ଚ ଶୁକଦେବ ଜେନା, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମା'ନାରାୟଣୀଙ୍କ ପୀଠରେ କାର୍ତ୍ତିକ ମେଳା

## ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର.)



ମା'ନାରାୟଣୀ।

କଣ୍ଟିଲୋ ନିକଟ ପଥରଚକଡା ପଞ୍ଚାୟତର ମା' ନାରାୟଣୀ ପୀଠର ମାହାତ୍ମ୍ୟ ସ୍ୱତନ୍ତ୍ର। ସେଠାରେ ପ୍ରତିବର୍ଷ ପରି ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣମୀରେ ଏକ ବଡ଼ମେଳା ଅନୁଷ୍ଠିତ ହୋଇଥିଲା । ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ଦେବୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ମା'ନାରାୟଣୀ ପୀଠରେ ରହିଛି ଏକ ପୁଷ୍କରିଣୀ। ଏହାକୁ ମଳିଛିକୁଣ୍ଡ ବୋଲି କୁହାଯାଏ । ସେହି ପୁଷ୍କରିଣୀର ବିଶେଷ ମହତ୍ତ୍ୱ ରହିଛି। କୌଣସି ମହିଳାଙ୍କ ପିଲାପିଲି ହେଉ ନ ଥିଲେ ମା'ନାରାୟଣୀଙ୍କ ପାଖରେ ମାନସିକ ରଖି କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ସେହି ପୁଷ୍କରିଣୀରେ ସ୍ନାନ କରିଥା'ନ୍ତି । ପରେ ସେହି ପୁଷ୍କରିଣୀରୁ ଏକ ପଥର ଆଣି ମନ୍ଦିର ପରିସରରେ ରଖିଲେ ସମ୍ପୃକ୍ତ ମହିଳା ଗର୍ଭଧାରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ପରମ୍ପରା ଅନୁସାରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ସେଠାରେ ଗ୍ରାମବାସୀଙ୍କ ସହଯୋଗରେ ବଡ଼ଧରଣର ମେଳା ଅନୁଷ୍ଠିତ ହୋଇଥାଏ । ହେଲେ ମେଳା ସମୟରେ ଯାତ୍ରୀଙ୍କ ସମାଗମ ଓ ବର୍ଜ୍ୟବସ୍ତୁ ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବା ନଜିର ରହିଛି । ସେଠାରେ ଲାଗିଥିବା ବିଭିନ୍ନ ପ୍ରକାର ବୃକ୍ଷ ଶ୍ରଦ୍ଧାଳୁମାନଙ୍କ ଅସାବଧାନତା ଯୋଗୁ ନଷ୍ଟ ହୋଇଥାଏ। ବୃକ୍ଷଗୁଡିକର ସୁରକ୍ଷା ସହିତ ପରିବେଶକୁ ଦୂଷିତ ନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଗଛସାର୍ ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ଓ ପଥରଚକଡା ୟୁଥ କ୍ଲବର ସଦସ୍ୟମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ମେଳା ସମୟରେ ବିଭିନ୍ନ ବର୍ଜ୍ୟବସ୍ତୁ ଓ ପଲିଥିନ୍‌କୁ ଲୋକମାନେ ଏଣେତେଣେ ଫିଙ୍ଗିଥାନ୍ତି । ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ସମସ୍ତ ଯାତ୍ରୀଙ୍କୁ ସ୍ଥାନୀୟ ୟୁଥ୍ କ୍ଲବ୍ ପକ୍ଷରୁ ନିବେଦନ କରାଯାଇଥିଲା ।

## ୪୫ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆପଡ଼ା,୨୧।୧୧(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକସ୍ଥିତ ଚିଙ୍ଗୁଡ଼ିଖୋଲ ଭଜନମଣ୍ଡଳୀ ପକ୍ଷରୁ ସତ୍ୟସାଇ ବାବାଙ୍କ ୯୬ତମ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ ବ୍ଲଡ୍ ବ୍ୟାଙ୍କରୁ ଆସିଥିବା ଡାକ୍ତରମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସଙ୍ଗଠର ଗଞ୍ଜାମ ଜିଲା ସଭାପତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବସନ୍ତ କୁମାର ମଲ୍ଲିକ, ରମେଶ ପରମାଣିକ, ସୋନୁ ପାତ୍ର, ଦୀଲିପ ରାଉତ, ପ୍ରସାଦ ଡାକୁଆ, ଦିଲୀପ ସ୍ୱାଇଁ, ସଂଗ୍ରାମ ସାହୁ, କାହ୍ନା ସାହୁ, ଦ୍ୱିତିକୃଷ୍ଣ ଦାସ, ରାହୁଲ ସ୍ୱାଇଁ, ବିଚିତ୍ର ରାଉତ, ଅମର ସ୍ୱାଇଁ, କମଳାକାନ୍ତ ମୁଦୁଲି ଏବଂ ସଙ୍ଗଠନର ବହୁତ ବ୍ୟକ୍ତି ଉପସ୍ଥିତ ଥିଲେ।

## ଶେରଗଡ଼ରେ ସାହିତ୍ୟ ଆସର, ସମ୍ବର୍ଦ୍ଧନା ସଭା

ଶେରଗଡ଼,୨୧।୧୧(ଡି.ଏନ.ଏ.)

ଶେରଗଡ଼ସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ମହା ବିଦ୍ୟାଳୟରେ ଶୁକ୍ରବାର ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଡ. ବି.ପ୍ରକାଶ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ଚିନ୍ମୟ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫ ଜଣ ସାହିତ୍ୟିକଙ୍କୁ ପୁରସ୍କୃତ କରାଯାଇଥିଲା। ସେହି ପ୍ରତିଭା ମଧ୍ୟରେ କବି ଅକ୍ଷୟ ମହାନ୍ତିଙ୍କ ବିଭିନ୍ନ ଭଜନ ଲେଖା ସହ ବିଭିନ୍ନ ଗଳ୍ପ ଲେଖା କରିଥିବା ଶେରଗଡ ଅଞ୍ଚଳର ଭାସ୍କର ରାଉତ, ସୁକୁମାର ବିଶ୍ୱାଳ, ବଂଶୀଧର ମହାରଣା ଓ ଘୁମୁସର କର୍ମକର୍ତ୍ତାଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପରିଚାଳନା ନିର୍ଦ୍ଦେଶକ ଇ. ଲକ୍ଷ୍ମୀ ପ୍ରସାଦ ନାୟକ, ସମ୍ମାନିତ ଅତିଥିଭାବେ ଓକିଲ ଡ.ପ୍ରଦୀପ୍ତ ଚନ୍ଦ୍ର ସିଂହ, ବାଳକୃଷ୍ଣ ପଟ୍ଟନାୟକ, ବୁଦ୍ଧଖୋଲର ଅନନ୍ତକର ଯୋଗ ଦେଇଥିଲେ। ଶେଷରେ ସାହିତ୍ୟିକ ଡ.ଦୟାସିନ୍ଧୁ ପରିଡାଙ୍କୁ ସମ୍ମାନିତ କରାଯାଇଥିଲା।

# ନୟାଗଡ଼ରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ନୟାଗଡ଼ ଅଫିସ,୨୧।୧୧



ମତ୍ସ୍ୟ ଦିବସ ସଭାରେ ମଞ୍ଚାସୀନ ଅତିଥିମାନେ।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ସମ୍ମିଳନୀ କକ୍ଷରେ ବିଶ୍ୱ ମତ୍ସ୍ୟ ଦିବସ ରବିବାର ପାଳିତ ହୋଇଯାଇଛି । ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଜିଲାପାଳ ପୋମା ଟୁଡୁ ଉଦ୍‌ଘାଟନ କରିଥିଲେ । ଜିଲାପାଳ ନିଜ ବକ୍ତବ୍ୟରେ ବାୟୋଫ୍ଲକ ମତ୍ସ୍ୟ ଚାଷକୁ ଗୁରୁତ୍ୱ ଦେଇଥିବାବେଳେ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିପରି ମାଛ ଚାଷ କରୁଛନ୍ତି ସେ ସଂକ୍ରାନ୍ତରେ କହିଥିଲେ । ମତ୍ସ୍ୟଚାଷ ରାଜ୍ୟରେ ଅଗ୍ରଣୀ ଭୂମିକା ନେଇଥିବାବେଳେ ଜିଲାରେ ଯେପରି ଏହା ପ୍ରାଧାନ୍ୟ ପାଇବ ସେନେଇ ଗୁରୁତ୍ୱ ଦେବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଉଦ୍ୟାନ ବିଭାଗର ଡେପୁଟି ଡାଇରେକ୍ଟର ମୁରଲୀଧର ବେହେରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ଓଡ଼ଗାଁ ବ୍ଲକ ମଗରବନ୍ଧର ମା'ଶୁଳିଆ ଠାକୁରାଣୀ ଢ଼ୋଲପଥର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଓ ରଙ୍ଗିନୀ ମାଛ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଡଙ୍କାରସାହିର ସନ୍ତୋଷିନୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟପକ୍ଷେ ୮ ବ୍ଲକରୁ ଜଣେ ଲେଖାଏ ମତ୍ସ୍ୟଚାଷୀଙ୍କୁ ପୁରସ୍କୃତ ହୋଇଥିଲେ ।

# ଲୋକନାଟକ, ଲୋକଗୀତ ୱେବିନାର

ଆସିକା,୨୧।୧୧(ଡି.ଏନ.ଏ.)

ଚେନ୍ନାଇସ୍ଥିତ ସୃଜନୀ ପରିବାର ଓ ଆସିକା କୃଷ୍ଣ ସିଂହ ସାହିତ୍ୟ ପରିଷଦର ମିଳିତ ଉଦ୍ୟମରେ ରବିବାର 'ଦକ୍ଷିଣ ଓଡିଶାର ଲୋକନାଟକ ଓ ଲୋକଗୀତ' ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଓ ଶିକ୍ଷାବିତ ପ୍ରଫେସର ମେଜର ରମାରମଣ ପାଢୀ, ସମ୍ମାନିତ ଅତିଥି ଭାବେ ଆକାଶବାଣୀ ଓ ଦୂରଦର୍ଶନର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ପ୍ରହ୍ଲାଦ ନାଟକ (ରଜାନାଟକ) ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ପ୍ରାଧାପକ ଡ. ବାୟାମନୁ ଚର୍ଚ୍ଚି ଦକ୍ଷିଣ ଓଡିଶାର ଲୋଟନାଟକ ଉପରେ ଆଲୋଚନା କରିଥିଲା ବେଳେ କ୍ଷେତ୍ରୀୟବରପୁର କଲେଜ ଅଧକ୍ଷ ବି ଗୋବିନ୍ଦ ରାଓ ସାମାଜିକ ସଚେତନତା ପାଇଁ ଲୋକନାଟକର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଏତଦ ଅବସରରେ ଆସିକା ନୂଆଗାଁ ଗ୍ରାମର ଦାସକାଠି ଗାୟକ କାମେଶ୍ୱର ବିଷୋୟୀ ଓ ପାଳିଆ ଅରକ୍ଷିତ ନାହାକଙ୍କ ଦ୍ୱାରା ଦାସକାଠି ଗୀତ ପରିବେଷଣ କରାଯାଇଥିଲା। ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇଏଫଏସ. ଆଶୁତୋଷ ସାମନ୍ତି ସିଂହାର, ସୃଜନୀ ପରିବାର ଉପଦେଷ୍ଟା ଡ. ବାସନ୍ତୀ ମହାନ୍ତି, ସମ୍ପାଦକ ଅଶୋକ ସାମନ୍ତ ଓ କୃଷ୍ଣ ସିଂହ ସାହିତ୍ୟ ପରିଷଦର ସମ୍ପାଦକ ସରୋଜ କୁମାର ତ୍ରିପାଠୀ ଅଂଶ ଗ୍ରହଣ କରିଥିଲେ।

## ୨ ବର୍ଷ ହେଲା ଏସ୍ଏଚ୍‌ଜିକୁ ମିଳିଲାନି ଟଙ୍କା

### କୋଭିଡ୍‌ରେ ପ୍ରବାସୀଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ଗୋଷାଣୀ,୨୧।୧୧

ଗୋଷାଣୀ ବ୍ଲକ ବାଗଶଳା ଗ୍ରାମର ମଣିକାଞ୍ଚ ଓ ସାରଶକ୍ତି ଦୁଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨ ବର୍ଷ ତଳେ ବାହାରୁ ଆସୁଥିବା ପ୍ରବାସୀମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)କୁ ଥରେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବଳକା ଟଙ୍କା ଆଜି ଯାଏ ମିଳିନାହିଁ। ଏ ସମ୍ପର୍କରେ ଚିଠି ନଂ ୧୧୩ ପ୍ରକାରେ ଗଜପତି ଜିଲାପାଳଙ୍କୁ ଦରଖାସ୍ତ ଦ୍ୱାରା ଜଣାଇଥିଲେ। ଗୋଷାଣୀ ବିଡିଓଙ୍କୁ ମଧ ବାରମ୍ବାର ଜଣାଇଥିଲେ ମଧ କୌଣସି ପ୍ରକାର ସୁଫଳ ମିଳିନାହିଁ। ଏ ନେଇ ଶନିବାର ଗଜପତି ଜିଲା ରାଧାଚରଣ ଦାସ ବାଳିକା ବିଦ୍ୟାଳୟ ପରିଦର୍ଶନ ବେଳେ ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀ ଅଭିଯୋଗ କରିଥିଲେ। ଗୋଷାଣୀ ବ୍ଲକ ବିପିଏମ ପ୍ରବାସୀଙ୍କୁ ରନ୍ଧାଖାଦ୍ୟ ଦେବା ପାଇଁ କହିଥିଲେ, କିନ୍ତୁ ତାଙ୍କୁ ପଚାରିବାରୁ ମୁଁ କ'ଣ କରିବି ଉତ୍ତର ଦେଲେ। ତେବେ ବର୍ତ୍ତମାନ କାହାକୁ ଗୁହାରି କରିବେ ବୋଲି ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀ କହିଛନ୍ତି।

# ଲୋକେ ଧରିଲେ ଆନ୍ଧ୍ରକୁ ଚାଲାଣ ବାଲି

ଛତ୍ରପୁର,୨୧।୧୧(ଡି.ଏନ.ଏ.)



ଜବତ ହୋଇଥିବା ୨ଟି ଗାଡ଼ି।

ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀର ବିଭିନ୍ନ ବାଲି ଘାଟରୁ ବେଆଇନ ଭାବେ ଭାବେ ଆନ୍ଧ୍ର ପ୍ରଦେଶକୁ ବାଲି ଚାଲାଣ ହେଉଥିବା ନେଇ ବହୁବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ପ୍ରଶାସନ ନ ଶୁଣିବାରୁ ଶେଷରେ ଗ୍ରାମବାସୀ ବେଆଇନ ଭାବେ ଛତ୍ରପୁର ଥାନା ଗୋବା ଗ୍ରାମରୁ ବାଲି ଧରି ଯାଉଥିବା ବେଳେ ଦୁଇ ଗାଡି (ଓଆର ୦୯କେ ୬୧୬୨ ଓ ଓଆର ୦୭ ୪୬୩୫) କୁ ଧରିଥିଲେ । ଖବର ପାଇ ଛତ୍ରପୁର ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଋଷିକୁଲ୍ୟା ନଦୀ ଘାଟରୁ ରାତିରେ ବହୁବାର ବେଆଇନ ଭାବେ ବାଲି ଆନ୍ଧ୍ର ଯାଉଥିବା ନେଇ ଖବର ପ୍ରକାଶ ହୋଇଥିଲେ ହେଁ ଏଯାବତ ବାଲି ମାଫିଆର ମୁଖ୍ୟ କିଏ ଟେର ପାଉନି ପୋଲିସ କିମ୍ବା ଜିଲା ପ୍ରଶାସନ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଉଦ୍ୟାନ ବିଭାଗର ହଜାର ଏକର ପରିବା ଚାଷ ଲକ୍ଷ୍ୟ

ବୈଦ୍ୟନାଥ ବେହେରା

ଖଜୁରିପଡ଼ା,୨୧।୧୧(ଡି.ଏନ.ଏ.)



ଫଳ ବଗିଚା।

କନ୍ଧମାଳ ଜିଲାରେ ୨୦୨୧-୨୨ ଆର୍ଥିକବର୍ଷରେ ୬ଶହ ଏକର ଚାଷଜମିରେ ଆମ୍ବ, ଟିସୁ କଲଚର କଦଳୀ, ଅମୃତଭଣ୍ଡା, ଡାଳିମ୍ବ, ପଣସ ଆଦି ଚାଷ କରାଯାଉଥିବା ବେଳେ ୪ଶହ ହେକ୍ଟର ଜମିରେ ସଙ୍କର ଜାତୀୟ ପନିପରିବା ଚାଷ ହାତକୁ ନିଆଯାଇଥିବା ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ମିହିର ସାମନ୍ତରାଏ କହିଛନ୍ତି। ଫଳଚାଷ ମଧ୍ୟରୁ ୫ଶହ ଏକର ବା ୨ ଶହ ହେକ୍ଟର ଉନ୍ନତ କିସମ ଆମ୍ବଚାଷ ହାତକୁ ନିଆଯାଇଥିବା ବେଳେ ଟିସୁ କଲଚର କଦଳୀ ୩୭.୫ ଏକର, ଅମୃତଭଣ୍ଡା ୧୨.୫ଏକର, ଡାଳିମ୍ବ, ଜାମୁ, ଡ୍ରାଗନ ଫ୍ରୁଟ ୧୨.୫ଏକର ଲେଖାଏଁ ଚାଷ କରାଯାଉଥିବା ବେଳେ ପଣସ ୧୭.୫ ଏକର ଜମିରେ ଚାଷ ହେଉଥିବା ଉପନିର୍ଦ୍ଦେଶକ ସାମନ୍ତରାଏ କହିଛନ୍ତି। ସେହିପରି ବିଭିନ୍ନ କିସମ ଫୁଲଚାଷ ୫୫ ଏକର ଜମିରେ କରାଯାଇଥିବା ବେଳେ ମିଶନ ଶକ୍ତି ଦ୍ୱାରା ବ୍ୟାପକ ଛତୁଚାଷ ମଧ କରାଯାଉଛି। ଚାଷର ଉନ୍ନତି ପାଇଁ ବିଭାଗ ପକ୍ଷରୁ ରିହାତି ଦରରେ ଉଦ୍ୟାନ କୃଷି ଯନ୍ତ୍ରପାତି ମଧ ଯୋଗାଇ ଦିଆଯାଉଛି। ସେହିପରି ଚାଷ ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ଚାଷୀମାନଙ୍କ ନିମନ୍ତେ ପ୍ରଶିକ୍ଷଣ ଦେବା ସହ ରାଜ୍ୟ ଓ ରାଜ୍ୟ ବାହାରକୁ ଫିଲ୍ଡ ଭିଜିଟରେ ନିଆଯାଉଛି। ପିଏମ୍‌କେଏସୱାଇ ଯୋଜନାରେ ରିହାତି ଦରରେ ବୁନ୍ଦା ଜଳସେଚନ ଓ ପୋଟେବଲ ସିଞ୍ଚନ ପ୍ରକ୍ରିୟା ଯୋଗାଇ ଦିଆଯାଉଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସଘନ ଆମ୍ବ, ଲିଚୁ, କାଜୁ ଆଦି ଚାଷ ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦିଆଯାଉଥିବା ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ କହିଛନ୍ତି। ଉଦ୍ୟାନ କୃଷି ଓ ଚାଷୀର ଯେପରି ସାମାଜିକ ଓ ଅର୍ଥନୈତିକ ଉନ୍ନତି ହେବ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଥିଲେ।

